# କୁକୁଡ଼ା ପାଳନ

ଓଡ଼ିଶାରେ ଭୂମିହୀନ ଚାଷୀଙ୍କ ନିମନ୍ତେ କୁକୁଡ଼ା ପାଳନ ଜୀବିକା ନିର୍ବାହରେ ଏକ ରୋଜଗାରର ପନ୍ଥାଭାବେ ବିଶେଷ ଆଦୃତ ହୋଇଛି। ବର୍ତ୍ତମାନ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏବଂ ପୁଷ୍ଟିସାର ଖାଦ୍ୟର ବହୁଳ ଆବଶ୍ୟକତା ଦୃଷ୍ଟିରୁ କୁକୁଡ଼ା ପାଳନର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୁକୁଡ଼ା ପାଳନ ମାଧ୍ୟମରେ ଚାଷୀମାନେ ରୋଜଗାରକ୍ଷମ ହେବା ସହିତ ପରିବାରର ଆୟବୃଦ୍ଧିରେ ମଧ୍ୟ ସହାୟକ ହୋଇପାରୁଛନ୍ତି। ସାଧାରଣତଃ କୁକୁଡ଼ା ପାଳନରେ କମ୍ ପୁଞ୍ଜି ନିବେଶ ହୋଇଥାଏ ଓ ଏହା ଅଧିକ ଲାଭଜନକ ମଧ୍ୟ ଅଟେ। ଓଡ଼ିଶାରେ କୁକୁଡ଼ା ପାଳନର ଚାହିଦା ବଢୁଥିବା ବେଳେ କୁକୁଡ଼ା ଉତ୍ପାଦନ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ମଧ୍ୟ ଅବଲମ୍ବନ କରିବା ଉଚିତ୍। ସାଧାରଣତଃ ଗାଁ'ଗହଳିରେ ବାଡ଼ି ଅଗଣାରେ ୧୦-୧୫ଟି ଦେଶୀ କୁକୁଡ଼ା ପାଳନ କରାଯାଇଥାଏ, କିନ୍ତୁ ଉନ୍ନତ ପ୍ରଜାତି ଏବଂ ବୈଜ୍ଞାନିକ ପଦ୍ଧତିରେ କୁକୁଡ଼ା ପାଳନ କରି ଚାଷୀମାନେ ଅଧିକ ଲାଭବାନ୍ ହୋଇପାରିବେ।

## ବିଭିନ୍ନ ପ୍ରକାରର କୁକୁଡ଼ା ପାଳନ

ଚାଷୀମାନେ ଅଣ୍ଡା, ମାଂସ କିମ୍ବା ଉଭୟ ଅଣ୍ଡା ଏବଂ ମାଂସ ପାଇଁ ବିଭିନ୍ନ ପ୍ରଜାତିର କୁକୁଡ଼ା ପାଳନ କରିପାରିବେ।

୧. **ବ୍ରଏଲର ବା ମାଂସାଳ କୁକୁଡ଼ା:** ଏହି କୁକୁଡ଼ାମାନଙ୍କୁ କେବଳ ମାଂସ ପାଇଁ ପାଳନ କରାଯାଏ। ପ୍ରତି କୁକୁଡ଼ା ପାଇଁ ୧ବର୍ଗ ଫୁଟ ଚଟାଣର ଆବଶ୍ୟକତା ହୋଇଥାଏ। ୩୫-୪୨ ଦିନରେ ଏହାର ଓଜନ ୧.୫-୨ କିଗ୍ରା ହୋଇଥାଏ। ଏହି ପ୍ରକାରର କୁକୁଡ଼ାକୁ ଡିପ୍ ଲିଟର ପ୍ରଣାଳୀରେ ପାଳନ କରାଯାଏ।

୨. **ଲେୟର ବା ଅଣ୍ଡାଦିଆ କୁକୁଡ଼ା:** ଏହି କୁକୁଡ଼ାଙ୍କୁ ଅଣ୍ଡା ଉତ୍ପାଦନ ପାଇଁ ପାଳନ କରାଯାଏ। ଏମାନେ ୧୮ ସପ୍ତାହରେ ଅଣ୍ଡା ଦେବା ଆରମ୍ଭ କରନ୍ତି ଏବଂ ୭୨ ସପ୍ତାହ ପର୍ଯ୍ୟନ୍ତ ଅଣ୍ଡା ଦେଇଥା'ନ୍ତି। ପ୍ରତି କୁକୁଡ଼ା ବାର୍ଷିକ ହାରାହାରି ୩୦୦-୩୨୦ଟି ଅଣ୍ଡା ଦେଇଥା'ନ୍ତି। ଏହି ପ୍ରକାରର କୁକୁଡ଼ା ପାଇଁ ୨ ବର୍ଗ ଫୁଟ ଚଟାଣର ଆବଶ୍ୟକତା ହୋଇଥାଏ। ଏମାନଙ୍କୁ ପିଞ୍ଜରା ପ୍ରଣାଳୀରେ ପାଳନ କରାଯାଏ।

୩. **ଉଭୟ ମାଂସ ଓ ଅଣ୍ଡାଦିଆ କୁକୁଡ଼ା:** ଏହି କୁକୁଡ଼ାଙ୍କୁ ଉଭୟ ମାଂସ ଓ ଅଣ୍ଡା ଉତ୍ପାଦନ ପାଇଁ ପାଳନ କରାଯାଏ।

## କୁକୁଡ଼ା ପାଳନର ଉପାଦେୟତା

୧. କମ୍ ଖର୍ଚ୍ଚ, କମ୍ ସମୟ, କମ୍ ପରିଶ୍ରମ ଓ କମ୍ ସ୍ଥାନରେ ଏଥିରୁ ଅଧିକ ଲାଭ ମିଳେ।

୨. ଚାଷୀମାନଙ୍କୁ କୁକୁଡ଼ା ପାଳନର ସାଧାରଣ ଜ୍ଞାନକୌଶଳ ଜଣାଥାଏ।

୩. ଚାଷୀମାନଙ୍କ ପାଇଁ ଏହା ଏକ ଅତିରିକ୍ତ ରୋଜଗାର ପନ୍ଥା ଯୋଗାଏ।

୪. ଏହା ବର୍ଷସାରା ଆୟ ଯୋଗାଇଥାଏ।

୫. ଗାଁ'ର ଗରିବ ଲୋକମାନେ ଆୟ ବା ରୋଜଗାର ପାଇଁ ସହରାଭିମୁଖୀ ହେବେ ନାହିଁ।

୬. ଦେଶୀ କୁକୁଡ଼ା ସାମାଜିକ ଓ ଧାର୍ମିକ ପର୍ବପର୍ବାଣୀରେ ବ୍ୟବହାର ହୋଇଥାଏ।

୭. କୁକୁଡ଼ା ମାଂସ ଓ ଅଣ୍ଡା ବିକ୍ରି କରି ଚାଷୀ ଅର୍ଥ ଉପାର୍ଜନ କରିପାରିବେ।

୮. ପରିବାର ଲୋକ ତଥା ପିଲାମାନେ ଅଣ୍ଡା ଖାଇବାର ସୁଯୋଗ ପାଆନ୍ତି ଏବଂ ଅଣ୍ଡାରୁ ପୁଷ୍ଟିସାର ପାଇଥାଆନ୍ତି।

୯. କୁକୁଡ଼ା ଅଣ୍ଡା ଏକ ସନ୍ତୁଳିତ ଖାଦ୍ୟ ଭାବରେ ପରିଚିତ। ଏଥିରେ ପୁଷ୍ଟିସାର ମାତ୍ରା ଅଧିକ (୧୨%) ଥିବାରୁ ଏହାକୁ ଖାଇଲେ ପୁଷ୍ଟିହୀନତା ଦୂର ହୋଇଥାଏ। ଏହା ସମସ୍ତ ପ୍ରକାର ଅପଦ୍ରବ ମିଶ୍ରଣରୁ ବଞ୍ଚିତ।

୧୦. କୁକୁଡ଼ା ମାଂସ ସେବନ ପାଇଁ କମ୍ ଧାର୍ମିକ କଟକଣା ରହିଛି।

୧୧. କେତେକ ସ୍ଥାନରେ କୁକୁଡ଼ା ଲଢ଼େଇ ଲୋକମାନଙ୍କୁ ଆମୋଦପ୍ରମୋଦ ଦେଇଥାଏ।

୧୨. କୁକୁଡ଼ା ମଳ ଚାଷ ଜମିରେ ଖତ ରୂପେ ବ୍ୟବହାର ହୁଏ।

୧୩. ଅନ୍ୟ ଗୃହପାଳିତ ପ୍ରାଣୀଙ୍କ ତୁଳନାରେ କୁକୁଡ଼ା କମ୍ ଖାଦ୍ୟ ଗ୍ରହଣ କରିଥାଏ।

୧୪. କୁକୁଡ଼ାଜନିତ ଉତ୍ପାଦ ପାଇଁ ପ୍ରତିଷ୍ଠିତ ବଜାର ମଧ୍ୟ ରହିଛି।

୧୫. ବୈଜ୍ଞାନିକ ପଦ୍ଧତିରେ ପାଳନ ଏବଂ ସଠିକ୍ ସମୟରେ ଟୀକାକରଣ କରିବା ଦ୍ୱାରା କୁକୁଡ଼ା ପାଳନରେ ମୃତ୍ୟୁହାର କମ୍ ରହିଥାଏ।

## କୁକୁଡ଼ା ପାଳନ ପ୍ରଣାଳୀ

୧. **ଘର ଅଗଣାରେ କୁକୁଡ଼ା ପାଳନ:** ଏହି ପ୍ରଣାଳୀରେ ସାଧାରଣତଃ କମ୍ ସଂଖ୍ୟକ କୁକୁଡ଼ା ରଖାଯାଇଥାଏ। କୁକୁଡ଼ାମାନଙ୍କୁ ଦିନରେ ବାହାରେ ଛଡ଼ାଯାଏ। ସେମାନେ ବାହାରେ ଚରିବୁଲି ପୋକଜୋକ ଓ ଅନ୍ୟାନ୍ୟ ଖାଦ୍ୟ ଖାଇ ସନ୍ଧ୍ୟାରେ ନିଜ

ଘରକୁ ଫେରିଆସନ୍ତି। ଏଥିରେ ଖାଦ୍ୟ ଖର୍ଚ୍ଚ କମ୍ ହୋଇଥାଏ। ରାତିରେ କୁକୁଡ଼ାମାନଙ୍କୁ ଆଶ୍ରୟସ୍ଥଳୀ ଓ ପିଇବା ପାଣି ଯୋଗାଇ ଦିଆଯାଏ।

୨. **ଅର୍ଦ୍ଧ ପରିସର ପ୍ରଣାଳୀରେ କୁକୁଡ଼ା ପାଳନ:** ଏହି ପ୍ରଣାଳୀରେ କୁକୁଡ଼ାମାନଙ୍କୁ ଘର ଭିତରେ କିମ୍ବା ପିଞ୍ଜରାରେ ରଖାଯାଇଥାଏ। ଦିନରେ ବାହାରେ କିଛି ସମୟ ଚରିବା ପାଇଁ ଛଡ଼ାଯାଇଥାଏ ଏବଂ କିଛି ଦାନା ମଧ୍ୟ ଦିଆଯାଏ। ଏହି ପ୍ରଣାଳୀରେ ବାହ୍ୟପ୍ରାଣୀ ଦ୍ୱାରା ଶିକାରର ଭୟ କମ୍ ହୋଇଥାଏ ଏବଂ ପରିଚାଳନା ମଧ୍ୟ ସହଜ ହୋଇଥାଏ।

୩. **ଡିପ୍ ଲିଟର ପ୍ରଣାଳୀ:** ତାରଜାଲି ଘେରା ଘରର ଚଟାଣରେ ୨-୩ ଇଞ୍ଚ ବହଳର କରତଗୁଣ୍ଡ ବା ଧାନଚଷୁ ବିଛାଇ କୁକୁଡ଼ାମାନଙ୍କୁ ରଖାଯାଏ।

୪. **ପିଞ୍ଜରା ପ୍ରଣାଳୀ:** ଏହି ପ୍ରଣାଳୀରେ ଜାଲି ପିଞ୍ଜରା ଥାକଥାକ କରି କୁକୁଡ଼ାମାନଙ୍କୁ ରଖାଯାଏ।

## ଦେଶୀ କୁକୁଡ଼ା

ଆମ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ପ୍ରକାରର ଦେଶୀ କୁକୁଡ଼ା ମିଳନ୍ତି। ଆମର ଗାଁ ଗହଳିରେ ମୁଖ୍ୟତଃ ଏହି ଦେଶୀ ପ୍ରଜାତିର କୁକୁଡ଼ାକୁ ବାଡ଼ି ଅଗଣାରେ ପାଳନ କରାଯାଏ।

୧. **ହଂସିଲି କୁକୁଡା:** ଏହି କୁକୁଡ଼ା ରାଜ୍ୟର ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଦେଖାଯାଏ। ଲଢୁଆ କୁକୁଡ଼ା ହିସାବରେ ଏହାର ଖ୍ୟାତି ରହିଛି। ୬ ମାସରେ ଏମାନେ ପ୍ରାପ୍ତ ବୟସ୍କ ହୋଇଥାନ୍ତି। ବୟସ୍କ ଗଞ୍ଜାର ଓଜନ ୨.୫-୩.୮ କିଗ୍ରା ଓ ବୟସ୍କ ମାଇ କୁକୁଡ଼ାର ଓଜନ ୧.୭୫-୨.୫ କିଗ୍ରା ହୋଇଥାଏ। ମାଈ କୁକୁଡ଼ା ବର୍ଷକୁ (୩/୪ଥର) ୩୫-୫୦ଟି ଅଣ୍ଡା ଦେଇଥାଏ। ଗୋଟିଏ ଗଞ୍ଜା ସହିତ ୫-୬ଟି ମାଈ କୁକୁଡ଼ା ରହିପାରିବେ।

୨. **ଭେଜାଗୁଡ଼ା:** ଏହି କୁକୁଡ଼ା କୋରାପୁଟ ଓ ମାଲ୍‌କାନଗିରି ଜିଲ୍ଲାରେ ଦେଖାଯାଏ। ଏମାନଙ୍କର ଆକାର ସାଧାରଣ ଦେଶୀ କୁକୁଡ଼ାଙ୍କ ଠାରୁ ବଡ଼ ଓ ଅଧିକ ଓଜନ। ବୟସ୍କ ଗଞ୍ଜାର ଓଜନ ୩-୩.୫ କିଗ୍ରା ଓ ବୟସ୍କ ମାଈ କୁକୁଡ଼ାର ଓଜନ ୨-୩ କିଗ୍ରା। ଗୋଟିଏ ଥରରେ ୧୨-୧୫ଟି ଅଣ୍ଡା ଦିଅନ୍ତି। ଅଣ୍ଡାର ରଙ୍ଗ ଫିକା ଲାଲ୍। ଏହିପରି ବର୍ଷକୁ ୩/୪ଥର ଅଣ୍ଡା ଦିଅନ୍ତି।

୩. **ଫୁଲବାଣୀ କୁକୁଡ଼ା:** ଏହି କୁକୁଡ଼ା କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାରେ ଦେଖାଯାଏ। ବୟସ୍କ ଗଞ୍ଜାର ଓଜନ ୧.୪ କିଗ୍ରା ଓ ବୟସ୍କ ମାଈ କୁକୁଡ଼ାର ଓଜନ ୯୫୦ ଗ୍ରାମ୍ ପର୍ଯ୍ୟନ୍ତ ହୋଇଥାଏ। ମାଈ କୁକୁଡ଼ା ବର୍ଷକୁ ୫୦ଟି ଅଣ୍ଡା ଦେଇଥାଏ।

୪. **କଳାହାଣ୍ଡିଆ:** ଏହି ପ୍ରଜାତିର କୁକୁଡ଼ା କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ଦେଖାଯାଏ। ବୟସ୍କ ଗଞ୍ଜାର ଓଜନ ୧ କିଗ୍ରା ଓ ବୟସ୍କ ମାଈ କୁକୁଡ଼ାର ଓଜନ ୭୦୦-୮୦୦ ଗ୍ରାମ୍ ହୋଇଥାଏ। ଗୋଟିଏ ଥରରେ ୧୨-୧୮ଟି ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି। ଏହିପରି ବର୍ଷକୁ ୪-୫ ଥର ଅଣ୍ଡା ଦିଅନ୍ତି।

୫. **ଅସିଲ୍:** ଏହି ପ୍ରଜାତିର କୁକୁଡ଼ା ମୁଖ୍ୟତଃ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶରେ ଦେଖାଯାଆନ୍ତି। ଏମାନେ କୁକୁଡ଼ା ଲଢ଼େଇ ପାଇଁ ବିଖ୍ୟାତ। ବୟସ୍କ ଗଞ୍ଜାର ଓଜନ ୩-୪ କିଗ୍ରା ଓ ବୟସ୍କ ମାଈ କୁକୁଡ଼ାର ଓଜନ ୨-୩ କିଗ୍ରା ହୋଇଥାଏ। ଅଣ୍ଡାର ରଙ୍ଗ ବାଦାମୀ।

୬. **କଡ଼କ୍‌ନାଥ:** ଏହି ପ୍ରଜାତିର କୁକୁଡ଼ା ମୁଖ୍ୟତଃ ମଧ୍ୟ ପ୍ରଦେଶର ଝାବୁଆ ଓ ଧର୍ ଜିଲ୍ଲାରେ ଦେଖାଯାଆନ୍ତି। ଆମ ରାଜ୍ୟର କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର କେତେକ ଅଞ୍ଚଳରେ ମଧ୍ୟ ଏହି ପ୍ରଜାତିର କୁକୁଡ଼ା ଦେଖାଯାଆନ୍ତି। ଅଣ୍ଡାର ରଙ୍ଗ ବାଦାମୀ।

## ବିଭିନ୍ନ ଉନ୍ନତ ପ୍ରଜାତିର କୁକୁଡ଼ା

## ଉନ୍ନତ ମାଂସାଳ କୁକୁଡ଼ା ପ୍ରଜାତି:

୧. **ଓୟୁଏଟି କଳିଙ୍ଗ ପଲ୍ଲିଶ୍ରୀ କୁକୁଡା:** ଏହା ଏକ ରଙ୍ଗୀନ ମାଂସାଳ କୁକୁଡା। ୬ ସପ୍ତାହରେ ଏହା ବିକ୍ରିଯୋଗ୍ୟ ହୋଇଥାଏ। ମାଂସର ସ୍ୱାଦ ଓ ଦେଶୀ ଭଳି ଦେଖିବାକୁ ହୋଇଥିବାରୁ ଏହି କୁକୁଡ଼ାର ବଜାର ଚାହିଦା ଅଧିକ। ଦିନିକିଆ ଛୁଆର ହାରାହାରି ଓଜନ ୪୪ ଗ୍ରାମ୍। ୬ ସପ୍ତାହରେ ହାରାହାରି ଓଜନ ୧.୭ କିଗ୍ରା ଓ ୬ ସପ୍ତାହ ପର୍ଯ୍ୟନ୍ତ ଖାଦ୍ୟ ବିନିଯୋଗ କ୍ଷମତା ୧.୮।

୨. **କର୍ଣ୍ଣିସ୍:** ଏହି କୁକୁଡ଼ା ଦେଖିବାକୁ ଲାଲ୍ ରଙ୍ଗର। ଗଞ୍ଜାର ଓଜନ ୩-୪ କିଗ୍ରା ଓ ମାଈ କୁକୁଡ଼ାର ଓଜନ ୨-୩ କିଗ୍ରା ହୋଇଥାଏ।

୩. **ବ୍ଲାକ୍‌ରକ୍ ବ୍ରଏଲର:** ଏଗୁଡ଼ିକ କଳା ରଙ୍ଗର ବ୍ରଏଲର କୁକୁଡ଼ା।

୪. **ସାସୋ:** ଏହା ଏକ ରଂଗୀନ ମାଂସାଳ କୁକୁଡ଼ା। ଏହାର ଓଜନ ୨ ମାସରେ ୨.୨ କିଗ୍ରା ହୋଇଥାଏ।


ଓୟୁଏଟି କଳିଙ୍ଗ ପଲ୍ଲିଶ୍ରୀ


ହଂସିଳି


କଡକ୍‌ନାଥ


ବନରାଜା


ଗିରିରାଜା


ବ୍ଲାକ୍ ରକ୍


ହ୍ୱାଇଟ୍ ଲେଗ୍ ହର୍ଣ୍ଣ


ଆର୍.ଆଇ.ଆର୍.


ଭେଜାଗୁଡ଼ା


ଅସିଲ୍

**ଉନ୍ନତ ଅଣ୍ଡାଦିଆ କୁକୁଡ଼ା ପ୍ରଜାତି:**

୧. **କଳିଙ୍ଗ ବ୍ରାଉନ୍ କୁକୁଡା:** ଏହା ଏକ ଧଳା ରଙ୍ଗର କୁକୁଡ଼ା। ଏମାନଙ୍କ ପିଠି ଓ ଡେଣାରେ ଲାଲ୍ ରଙ୍ଗର ପର ଥାଏ। ଏହାର ଓଜନ ୪ ମାସରେ ୧ କିଗ୍ରା ହୋଇଥାଏ। ଏହି କୁକୁଡ଼ା ୫ ମାସରୁ ଅଣ୍ଡା ଦେବା ଆରମ୍ଭ କରି ବର୍ଷକୁ ୨୫୦-୨୬୦ଟି ଅଣ୍ଡା ଦେଇଥାଏ। ଅଣ୍ଡାର ଓଜନ ୫୦ ଗ୍ରାମ୍ ଓ ଖୋଳପାର ରଙ୍ଗ ବାଦାମୀ ଛିଟଯୁକ୍ତ।

୨. **ରୋଡ ଆଇଲ୍ୟାଣ୍ଡ ରେଡ୍ (ଆର୍.ଆଇ.ଆର୍.) :** ଏହି କୁକୁଡ଼ାର ରଙ୍ଗ ଲାଲ୍ ମିଶା ବାଦାମୀ। ଏହି କୁକୁଡ଼ା ୫ ମାସରୁ ଅଣ୍ଡା ଦେବା ଆରମ୍ଭ କରି ବର୍ଷକୁ ୨୩୦-୨୪୦ଟି ଅଣ୍ଡା ଦେଇଥାଏ। ଅଣ୍ଡାର ଓଜନ ୫୦ ଗ୍ରାମ୍ ଓ ଅଣ୍ଡା ଖୋଳପାର ରଙ୍ଗ ବାଦାମୀ।

୩. **ହ୍ୱାଇଟ୍ ଲେଗ୍ ହର୍ଣ୍ଣ :** ଏହି କୁକୁଡ଼ାର ରଙ୍ଗ ଧଳା ଓ ଆକାର ଛୋଟ। ଏହି କୁକୁଡ଼ା ବର୍ଷକୁ ୨୦୦- ୨୪୦ ଅଣ୍ଡା ଦେଇଥାଏ। ଅଣ୍ଡାର ରଙ୍ଗ ଧଳା।

୪. **କ୍ୟାରି ଦେବେନ୍ଦ୍ରେ :** ଏହି କୁକୁଡ଼ା ୧୦ ସପ୍ତାହରେ ପାଖାପାଖି ୧ କିଗ୍ରା ହୁଅନ୍ତି। ମାଈ କୁକୁଡ଼ା ୧୬୫-୧୭୫ ଦିନ ମଧ୍ୟରେ ଅଣ୍ଡା ଦେବା ଆରମ୍ଭ କରି ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେଇଥାଏ। ଅଣ୍ଡାର ହାରାହାରି ଓଜନ ୫୦-୫୫ ଗ୍ରାମ୍।

## ଉଭୟ ମାଂସ ଓ ଅଣ୍ଡା ପାଇଁ ଉନ୍ନତ କୁକୁଡ଼ା ପ୍ରଜାତି:

୧. **ବନରାଜା :** ଏହା ଏକ ରଂଗୀନ୍ କୁକୁଡ଼ା। ଏମାନେ ୪ ମାସରେ ୨ କିଗ୍ରା ହୁଅନ୍ତି। ମାଈ କୁକୁଡ଼ା ୧୭୫-୧୮୦ ଦିନରେ ଅଣ୍ଡା ଦେବା ଆରମ୍ଭକରି ବର୍ଷକୁ ୧୦୦-୧୧୦ଟି ଅଣ୍ଡା ଦେଇଥାଏ। ଅଣ୍ଡାରରଙ୍ଗ ମାଟିଆ। ମାଂସରସ୍ୱାଦ ଦେଶୀ କୁକୁଡ଼ା ପରି।

୨. **ଗିରିରାଜା :** ଏହା ଏକ ରଂଗୀନ୍ କୁକୁଡ଼ା। ଏମାନେ ୪ ମାସରେ ୨ କିଗ୍ରା ହୁଅନ୍ତି। ମାଈ କୁକୁଡ଼ା ୧୭୫-୧୮୦ ଦିନରେ ଅଣ୍ଡା ଦେବା ଆରମ୍ଭ କରି ବର୍ଷକୁ ୧୨୦-୧୫୦ଟି ଅଣ୍ଡା ଦେଇଥାଏ।

୩. **ଛାବ୍ରୋ :** ଏଗୁଡ଼ିକ କଳା ଓ ପାଉଁଶିଆ ରଙ୍ଗର। ଏମାନେ ୪ ମାସରେ ୨ କିଗ୍ରା ହୁଅନ୍ତି। ମାଈ କୁକୁଡ଼ା  ବର୍ଷକୁ ୧୭୦-୧୮୦ଟି ଅଣ୍ଡା ଦେଇଥାଏ।

୪. **ରେନ୍‌ବୋ ରୁଷ୍ଟର :** ଏଗୁଡ଼ିକ ଦେଖିବାକୁ ବିଭିନ୍ନ ରଙ୍ଗର। ଏମାନେ ୪ ମାସରେ ୨ କିଗ୍ରା ହୁଅନ୍ତି। ମାଈ କୁକୁଡ଼ା ବର୍ଷକୁ ୧୫୦-୧୮୦ଟି ଅଣ୍ଡା ଦେଇଥାଏ।

୫. **କ୍ରଏଲର:** ଏହା ଏକ ରଂଗୀନ୍ ମାଂସାଳ କୁକୁଡ଼ା। ଏହାର ଅଣ୍ଡା ଧୂଷର ରଙ୍ଗର। ଶରୀରର ଓଜନ ୭ ସପ୍ତାହରେ ୧.୧-୧.୫ କିଗ୍ରା ହୋଇଥାଏ। ମାଈ କୁକୁଡ଼ା ବର୍ଷକୁ ୧୫୦ଟି ଅଣ୍ଡା ଦେଇଥାଏ।

## କୁକୁଡ଼ା ଚିଆଁ ମିଳିବା ସ୍ଥାନ

କୁକୁଡ଼ା ଚାଷୀମାନଙ୍କୁ ନିଜ ଜିଲ୍ଲାର ପ୍ରାଣୀପାଳନ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଚିଆଁ ଉତ୍ପାଦନ କେନ୍ଦ୍ରରେ କୁକୁଡ଼ା ଚିଆଁ ମିଳିପାରିବ। ପ୍ରତ୍ୟେକ ଜିଲ୍ଲାରେ କୃଷିବିଜ୍ଞାନ

କେନ୍ଦ୍ରଗୁଡ଼ିକରୁ ମଧ୍ୟ କୁକୁଡ଼ା ଚିଆଁ ମିଳିପାରିବ। କେନ୍ଦ୍ରୀୟ କୁକୁଡ଼ା ବିକାଶ ଅନୁଷ୍ଠାନ (ସି.ପି.ଡି.ଓ.) ଏବଂ ଓଡ଼ିଶା ପ୍ରାଣୀଚିକିତ୍ସା ଓ ପ୍ରାଣୀପାଳନ ମହାବିଦ୍ୟାଳୟ ଅଧିନରେ ଥିବା କୁକୁଡ଼ା ଫାର୍ମରୁ ମଧ୍ୟ ଚିଆଁ ମିଳିପାରିବ।

## କୁକୁଡ଼ାମାନଙ୍କର ଯତ୍ନ ଓ ପରିଚାଳନା

ପ୍ରାକୃତିକ ଉପାୟରେ କୁଡୁକି କୁକୁଡ଼ା ତା'ର ପେଟ ଓ ଡେଣା ତଳେ ୧୦-୧୫ଟି ଅଣ୍ଡା ୨୧ ଦିନ ପର୍ଯ୍ୟନ୍ତ ରଖି ଛୁଆ ଫୁଟାଇଥାଏ। ମା' କୁକୁଡ଼ାର ଡେଣା ଓ ପେଟ ତଳେ ରହି ଚିଆଁମାନେ ଆବଶ୍ୟକ କରୁଥିବା ଉତ୍ତାପ ପାଇଥାଆନ୍ତି। ପ୍ରଥମ ୪-୬ ସପ୍ତାହ ପର୍ଯ୍ୟନ୍ତ ମା'କୁକୁଡ଼ା ଚିଆଁମାନଙ୍କର ଦାୟିତ୍ୱ ନେଇ ସେମାନଙ୍କ ଲାଳନପାଳନ କରିଥାଏ। କିନ୍ତୁ ମା'କୁକୁଡ଼ାର ବିନା ସହାୟତାରେ କୃତ୍ରିମ ଉପାୟରେ ମଧ୍ୟ ହଜାର ହଜାର ସଂଖ୍ୟାରେ କୁକୁଡ଼ା ଚିଆଁମାନଙ୍କୁ ଲାଳନ ପାଳନ କରାଯାଇ ପାରୁଛି ଏବଂ ଏହା ଲାଭଜନକ ବ୍ୟବସାୟରେ ପରିଣତ ହୋଇପାରିଛି।

### କୁକୁଡ଼ା ଘର:



କୁକୁଡ଼ା ଘରର ମୂଳ ପତ୍ତନ ଉଚ୍ଚା ହେବା ଦରକାର। ଘରର ଚଟାଣରେ କରତ ଗୁଣ୍ଡ, ଅଗାଡ଼ି, ଶୁଖିଲା ପତ୍ର, ନଡ଼ାଗୁଣ୍ଡ, ଚିନାବାଦାମ ଚୋପା, ଧାନଚଷୁ ଆଦି ୨-୩ ଇଞ୍ଚ ପର୍ଯ୍ୟନ୍ତ ବିଛାଇ ଦିଆଯାଏ। ଏହାକୁ ଲିଟର କୁହନ୍ତି ଓ ଏହା ଉପରେ କୁକୁଡ଼ାମାନେ ମଳତ୍ୟାଗ କରନ୍ତି। ସପ୍ତାହରେ ଥରେ କିମ୍ବା ଦୁଇଥର ଏହି ଲିଟରକୁ କଣ୍ଟା ଫାଉଡ଼ାରେ ତଳ ଉପର କରି ଘାଣ୍ଟି ଦିଆଯାଏ। ଲିଟର ଓଦା ହୋଇ ବେଶୀ ଦିନ ରହିଲେ କୁକୁଡ଼ାମାନଙ୍କୁ ନାଳରକ୍ତ ଝାଡ଼ା (କକ୍‌ସିଡିଆ), ଗୋଲ କୃମି ରୋଗ ଏବଂ ଫିମ୍ପିଜାତୀୟ ରୋଗ (ଆସ୍ପରଜିଲୋସିସ୍ ବା ବ୍ରୁଡର ନିମୋନିଆ) ହେବାର ସମ୍ଭାବନା ଅଧିକ। ତେଣୁ ଲିଟରକୁ ସବୁବେଳେ ଶୁଖିଲା ରଖିବା ଦରକାର। କୁକୁଡ଼ା ଘର ଭିତରକୁ ଆଲୋକ ବା ବାୟୁ ଚଳାଚଳ ଉତ୍ତମ ହେଉଥିବା ଆବଶ୍ୟକ। ଚିଆଁମାନଙ୍କୁ ବଡ଼ କୁକୁଡ଼ାମାନଙ୍କଠାରୁ ଦୂରେଇ ରଖି ପାଳନ କରାଯାଏ। ନହେଲେ ବଡ଼ କୁକୁଡ଼ାଙ୍କ ଠାରୁ ଚିଆଁମାନଙ୍କୁ ରୋଗ ବ୍ୟାପିବାର ବହୁତ ସମ୍ଭାବନା ଥାଏ।

ଖରାଦିନେ ଗ୍ରୀଷ୍ମଦାଉରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ ଝରକାରେ ଏବଂ ଜାଲିରେ ଅଖା ଟାଙ୍ଗନ୍ତୁ ଏବଂ ଏଥିରେ ପାଣି ସ୍ପ୍ରେ କରନ୍ତୁ। ଟିଣ, ଆଜ୍‌ବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ। ବର୍ଷାଦିନ ଆସିବା ପୂର୍ବରୁ ଘରର ଚଟାଣ ଓ କାନ୍ଥ ମରାମତି କରନ୍ତୁ। ଲିଟର ସର୍ବଦା ଶୁଖିଲା ରଖନ୍ତୁ। ବର୍ଷାଦିନେ ପାଣି ଛିଟା କୁକୁଡ଼ା ଘର ଭିତରେ ନ ପଶିବା ପାଇଁ ଝରକାରେ ଅଖା ଟାଙ୍ଗନ୍ତୁ ଏବଂ ବର୍ଷା ଛାଡ଼ିଗଲା ପରେ ଅଖାକୁ ଟେକି ଦିଅନ୍ତୁ। ତାରଜାଲିକୁ ଅଖା କିମ୍ବା ପାଲଦ୍ୱାରା ଘୋଡ଼ାଇ ରଖନ୍ତୁ। ଘରେ ଥିବା ଦାନାକୁ ଶୁଖିଲା, ଉଚ୍ଚା ଓ ଭଲ ପବନ ଚଳାଚଳ ହେଉଥିବା ଜାଗାରେ ରଖନ୍ତୁ। ଶୀତଦିନେ ନଖଉଷୁମ ପାଣି ପିଇବାକୁ ଦିଅନ୍ତୁ। ଶୀତଦିନେ ଘର ଭିତରେ ଅଧିକା ୨-୩ଟି ବଲବ୍ ଲଗାଇ ଉଷୁମ ରଖନ୍ତୁ।

➢ ଅତି ଅଳ୍ପ ଖର୍ଚ୍ଚରେ ନିଜ ଅଞ୍ଚଳରେ ମିଳୁଥିବା ବାଉଁଶ, କାଠ, ନଡ଼ା ଓ ତାଳବରଡ଼ା ବ୍ୟବହାର କରି ମଧ୍ୟ ଚାଷୀମାନେ କୁକୁଡ଼ା ଘର ତିଆରି କରିପାରିବେ। ଦିନବେଳେ କୁକୁଡ଼ାଙ୍କୁ ଏହା ଭିତରେ ଖାଇବାକୁ ଖାଦ୍ୟ ଏବଂ ପାଣି ଦିଆଯାଏ। ରାତିରେ କୁକୁଡ଼ାଙ୍କୁ ବନ୍ୟଜନ୍ତୁ ଏବଂ ଚୋରୀ ଭୟରୁ ରକ୍ଷା କରିବା ପାଇଁ ଘର ଭିତରେ ସ୍ୱତନ୍ତ୍ର ଝାମ୍ପିରେ ରଖିପାରିବେ।

## ବ୍ରୁଡର:



କୁକୁଡ଼ା ଛୁଆ ପ୍ରଥମ ୪-୫ ସପ୍ତାହ ଅଧିକ ଉତ୍ତାପ ଆବଶ୍ୟକ କରେ। ଚିଆଁ ଆଣିବା ପରେ ତାପମାତ୍ରା ନିୟନ୍ତ୍ରଣ ପାଇଁ ଇଲେକ୍ଟ୍ରିକ୍ ବଲ୍‌ବ ବ୍ୟବସ୍ଥା ଜରୁରୀ। ପ୍ରତି ଚିଆଁ ପାଇଁ ୨ ୱାଟ୍ ଲାଇଟ୍ ଦରକାର ହୁଏ। ଏହି ସମୟରେ ବ୍ରୁଡରଗୁଡ଼ିକ ସାହାଯ୍ୟରେ ଆବଶ୍ୟକ ଉତ୍ତାପ ଯୋଗାଇ ଦିଆଯାଏ। ବ୍ରୁଡ଼ିଂ ସମୟରେ ପ୍ରତ୍ୟେକ ଚିଆଁ ପାଇଁ ୦.୫ ବର୍ଗଫୁଟ ସ୍ଥାନ ଆବଶ୍ୟକ ପଡ଼ିଥାଏ। ଲିଟର ଉପରେ ଖବରକାଗଜ ପକାଇ ସେଥିରେ ପ୍ରଥମ ୨-୩ ଦିନ ଖାଇବାକୁ ଦେବା ବେଳେ ଚାରିକଡ଼ ବନ୍ଦ ରଖିବା ପାଇଁ ୧ ଫୁଟ୍ ଉଚ୍ଚତା ବିଶିଷ୍ଟ କାର୍ଡବୋର୍ଡ଼ ବା ଟିଣସିଟ୍ ବା ଦସ୍ତା ପ୍ଲେଟ୍ ଆଦି ଚିଆଁଘେରା ହିସାବରେ ବ୍ୟବହାର କରାଯାଏ। ଆବଦ୍ଧ କାର୍ଡବୋର୍ଡ଼ ବା ଟିଣସିଟ୍‌ଟି ୨-୩ ସପ୍ତାହ ପରେ କାଢ଼ିଦେବା ଦରକାର।

ବ୍ରୁଡ଼ିଂ ସମୟରେ ଚିଆଁମାନଙ୍କ ବ୍ୟବହାରରୁ ଘରର ତାପମାତ୍ରା ଠିକ୍ ଅଛି କି ନାହିଁ ଜଣାପଡ଼େ। ଯଦି ବଲ୍ବ ତଳେ ଚିଆଁମାନେ ରୁଣ୍ଡ ହୋଇ ରହୁଥାନ୍ତି, ତେବେ ଘରର ତାପମାତ୍ରା କମ୍ ଅଛି ବୋଲି ଜଣାପଡ଼େ। ଏପରି ସ୍ଥିତିରେ ଘରେ ବଲ୍ବର ସଂଖ୍ୟା ବୃଦ୍ଧି କରନ୍ତୁ କିମ୍ବା ବଲ୍ବର ଉଚ୍ଚତା କମ୍ କରନ୍ତୁ। ଚିଆଁମାନେ ଯଦି ଘର କଣରେ ଜମା ହୋଇ ରହୁଥିବେ ତେବେ ଘରର ତାପମାତ୍ରା ଅଧିକ ଅଛି ବୋଲି ଜଣାପଡ଼େ। ଏପରି ସ୍ଥିତିରେ ଘରେ ବଲ୍ବର ସଂଖ୍ୟା କମ୍ କରନ୍ତୁ କିମ୍ବା ବଲ୍ବର ଉଚ୍ଚତା ଅଧିକ କରନ୍ତୁ। ଘରେ ସମାନ ଭାବରେ ଚିଆଁମାନେ ବିଛେଇ ହୋଇ ରହିଲେ ଘରର ତାପମାତ୍ରା ଠିକ୍ ଅଛି ବୋଲି ଜଣାପଡ଼େ।

➢ ଗାଁ'ଗହଳିରେ ବାଉଁଶ ଟୋକେଇରେ ଗୋବର ଲିପିଦେଇ ମଝିରେ ଇଲେକ୍ଟ୍ରିକ୍ ବଲ୍ବ ଜଳାଇ ବ୍ରୁଡର ଭାବେ ବ୍ୟବହାର କରାଯାଇପାରେ। ସେହିପରି କାଠ ଡାବଲକୁ ମଧ୍ୟ ବ୍ରୁଡରଭାବେ ବ୍ୟବହାର କରାଯାଇପାରେ। ଚାଷୀମାନେ ଲଣ୍ଠନ, ଘଷି, କାଠ, କୋଇଲା ମାଧ୍ୟମରେ ମଧ୍ୟ ଚିଆଁଙ୍କୁ କୃତ୍ରିମ ଉପାୟରେ ଉତ୍ତାପ ଯୋଗାଇ ଦେଇପାରିବେ। ଏହି ଲଣ୍ଠନ, ଘଷି, କାଠ, କୋଇଲାକୁ ଝାମ୍ପିଦ୍ୱାରା ଘୋଡାଇ କରି ରଖିଲେ ଚିଆଁମାନେ ଏପଟସେପଟ ହେବାର ସମ୍ଭାବନା ନଥାଏ। ଚାଷୀମାନେ ବାଉଁଶ ପାତିଆ, ପଟି, କାର୍ଡବୋର୍ଡ଼, ଡାବଲ ପଟା ଆଦି ଚିଆଁଘେରା ଭାବରେ ବ୍ୟବହାର କରିପାରିବେ।

## ଚିଆଁଙ୍କ ସୁରକ୍ଷା:

କୁକୁଡ଼ା ଚିଆଁଙ୍କୁ କାଉ, ଚିଲ, ନେଉଳ, ସାପ, ମୂଷା, ଭୂଆଁବିରାଡ଼ି, କୁକୁର ଓ ବିଲୁଆ ଇତ୍ୟାଦି ଶିକାରୀପ୍ରାଣୀମାନଙ୍କ କବଳରୁ ରକ୍ଷା କରିବା ନିହାତି ଜରୁରୀ ଅଟେ।

## କୁକୁଡ଼ା ଖାଦ୍ୟ ଓ ପାଣି:

ଅଣ୍ଡାରୁ ଚିଆଁ ଫୁଟିବା ପରେ ପ୍ରଥମ ୨୪ ଘଣ୍ଟା ଦାନା ନଖାଇ ରହିପାରନ୍ତି। ଏମାନଙ୍କୁ ହ୍ୟାଚେରୀରୁ ଆଣି ଘରେ ପହଞ୍ଚିବାକୁ ବେଶୀ ସମୟ ଲାଗୁଥିଲେ, ପ୍ରଥମେ ପାଣି ସହ ଗ୍ଲୁକୋନ୍-ଡି, ଇଲେକ୍ଟ୍ରୋରାଲ୍ ପାଉଡର ବା ଗୁଡ଼ ମିଶାଇ ପିଇବାକୁ ଦେବା ଉଚିତ୍। ଚିଆଁକୁ ସୁଜି ଦାନା ନଚେତ୍ ମକା ଗୁଣ୍ଡ ଦେଇ ପାରିବେ। ପ୍ରଥମ ୪-୬ ସପ୍ତାହ କୁକୁଡ଼ା ଚିଆଁର ଭଲ ଭାବେ ଯତ୍ନ ନେବାକୁ ପଡ଼ିଥାଏ। ପ୍ରଥମ ୭ ଦିନ ମଧ୍ୟରେ ଚିଆଁଙ୍କ ମୃତ୍ୟୁହାର ଅଧିକ ଥିବାରୁ ପିଇବା ପାଣିରେ ଭିଟାମିନ୍ ମିଶାଯାଏ। ୨ମାସର ହେଲେ କୃମିନାଶକ ଔଷଧ ଦେଇ ଅଢ଼େଇ ମାସ ବ୍ୟବଧାନରେ ନିୟମିତ ଏହି ଔଷଧ ଦେବା ଉଚିତ୍। ପ୍ରଥମ ଅଢ଼େଇ ମାସ ମଧ୍ୟରେ ଚିଆଁକୁ ନାଳରକ୍ତ ଝାଡା ହେବାର ଆଶଙ୍କା ଥାଏ। ତେଣୁ ଏଥିପାଇଁ ପ୍ରତିଶେଷକ ଔଷଧ ଦାନା କିମ୍ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ।

୬ ସପ୍ତାହ ବେଳକୁ କୁକୁଡ଼ା ବାହାରେ ଚରିବୁଲି ଖାଇବାକୁ ଯାଇପାରିବ। ବାଡ଼ିବଗିଚା ଚାରିପଟେ ତାରଜାଲି ବା ମଶାରିଜାଲିଦ୍ୱାରା ଆବଦ୍ଧ କରିବା ଉଚିତ୍। କୁକୁଡ଼ାମାନେ ବାହାରେ ବିଲବାଡ଼ି ବୁଲି ପୋକଜୋକ, ପରିବା ଚୋପା ତଥା ଅଳିଆଗଦାରୁ ଖାଦ୍ୟ ସଂଗ୍ରହ କଲେ ବି ସେମାନଙ୍କର ଖାଦ୍ୟ ଆବଶ୍ୟକତା ପୂରଣ ହୋଇ ନଥାଏ। ଗୋଟିଏ ବୟସ୍କ କୁକୁଡ଼ା ଦିନକୁ ୧୦୦-୨୦୦ ଗ୍ରାମ୍ ଖାଦ୍ୟ ଆବଶ୍ୟକ କରେ। ବାହାର ଖାଦ୍ୟରେ ସେ ନିଜ ଆବଶ୍ୟକତାର ଅଧା ପୂରଣ କରୁଥିବା ବେଳେ ଆଉ ଅଧା, ଅର୍ଥାତ ୫୦-୬୦ ଗ୍ରାମ୍ ସନ୍ତୁଳିତ ଖାଦ୍ୟ ବା ଦାନା କୁକୁଡ଼ାଙ୍କୁ ଦେବା ଜରୁରୀ। ମକା, ଗହମ, ସୁଜି, ଚାଉଳ ଖୁଦ, ଧାନଚଷ୍ଟୁ, ଚାଉଳଗୁଣ୍ଡ, କଣି, କୁଣ୍ଡା, ଚୋକଡ଼, ଚୁନି, ଚୁଡ଼ାକୁଣ୍ଡା, ଶାଗ, ବିରିଚୋପା, ପରିବା ଚୋପା, ବଳକା ରୋଷେଇ ଖାଦ୍ୟ, ଶସ୍ୟ ପିଡ଼ିଆ, ମାଛଗୁଣ୍ଡ, ଶୁଖୁଆ ଗୁଣ୍ଡ ଆଦି ଦିଆଯିବା ଉଚିତ୍। କୁକୁଡ଼ା ଦାନାରେ ଶସ୍ୟଜାତୀୟ ଖାଦ୍ୟ ଯଥା ମକା, ଯଅ, ଗହମ, ବାଜରା, ଖୁଦ ଚାଉଳ ଇତ୍ୟାଦି ଆବଶ୍ୟକ ଅନୁସାରେ ମିଶାଯାଏ। ତା'ସହିତ କିଛି ପିଡ଼ିଆ ଯଥା ବାଦାମ ପିଡ଼ିଆ, ସୋୟାବିନ୍ ପିଡ଼ିଆ, ସୂର୍ଯ୍ୟମୁଖୀ ପିଡ଼ିଆ, ରାଶି ପିଡ଼ିଆ ଇତ୍ୟାଦି ଆବଶ୍ୟକ ଅନୁସାରେ ମିଶାଯାଏ। ଅତିରିକ୍ତ ଭିଟାମିନ୍ ଭାବରେ ସବୁଜ ପତ୍ରକୁ ଛୋଟଛୋଟ ଖଣ୍ଡ କରି କୁକୁଡ଼ାମାନଙ୍କୁ ଖାଇବାକୁ ଦିଆଯାଇପାରେ।

କୁକୁଡ଼ା ଦାନାରେ ଲୁଣ ମିଶାଇବେ। ଲୁଣ କମ୍ ହେଲେ ଭୋକ କମିଯାଏ। ପର ଟାଁସିଆ ହୋଇଯାଏ ଓ କୁକୁଡ଼ାମାନେ ଅନ୍ୟର ପର ଖୁମ୍ପନ୍ତି। ଅଣ୍ଡା ଦେଉଥିବା କୁକୁଡ଼ାଙ୍କୁ ଶାମୁକା ଗୁଣ୍ଡ ଦେବା ଉଚିତ୍। ଏଥିରୁ କ୍ୟାଲସିୟମ ମିଳେ। ଏହା ଅଭାବରେ ଅଣ୍ଡା ଖୋଳପା ନରମ ହୋଇଥାଏ। କୁକୁଡ଼ାମାନଙ୍କୁ ଉଈ ଖାଇବା ଅଭ୍ୟାସ କରାନ୍ତୁ। ଓଦା ଅଖା, କାର୍ଡବୋର୍ଡ଼, ପଟି ଇତ୍ୟାଦିକୁ ପାଣି ଛିଞ୍ଚି ଭୂଇଁରେ ପକାଇ ଦେଲେ ଅଧିକ ଉଈ ସୃଷ୍ଟି ହୋଇପାରିବ। କୁକୁଡ଼ାଙ୍କୁ ଜିଆ ଖାଇବାର ଅଭ୍ୟାସ କରାଇ ଜିଆ ଚାଷ କରନ୍ତୁ। ଗଞ୍ଜାଟି ୧.୫ କିଗ୍ରା ଓଜନ ହୋଇଗଲେ ତାକୁ ବିକ୍ରି କରିଦେବା ଉଚିତ୍। କାରଣ ଏହା ପରେ ଖାଦ୍ୟ ଖର୍ଚ୍ଚ ବଢ଼ିବା ସହିତ ଅଣ୍ଡା ଓ ଖାଦ୍ୟ ନଷ୍ଟ କରିବା, ମାଈ କୁକୁଡ଼ାଙ୍କୁ ଥଣ୍ଟରେ ଖୁମ୍ପିବା ଇତ୍ୟାଦି ସମସ୍ୟା ସୃଷ୍ଟି ହୋଇଥାଏ।

➢ ନିଜ ଅଞ୍ଚଳରେ ମିଳୁଥିବା ମକା, ଗହମ, ବାଦାମ ପିଡ଼ିଆ, ରାଶି ପିଡ଼ିଆ, ଶୁଖୁଆ ଆଦି ବ୍ୟବହାର କରି ଚାଷୀମାନେ କମ୍ ଖର୍ଚ୍ଚରେ ଦାନା ତିଆରି କରିପାରିବେ। ଗାଁ'ର ପୋଖରୀ, ଗଡ଼ିଆ ଓ ନଦୀରୁ ଶାମୁକା ଓ ଗେଣ୍ଡାର ଖୋଳପା ସଂଗ୍ରହ କରି, ତାକୁ ଗୁଣ୍ଡ କରି ଖାଦ୍ୟରେ ମିଶାଇ ଖାଇବାକୁ ଦେଲେ କୁକୁଡ଼ା ଭଲ ଅଣ୍ଡା ଦେଇଥାଏ।

## ଖାଦ୍ୟପାତ୍ର ଓ ପାଣିପାତ୍ର:




ଖାଦ୍ୟପାତ୍ର ଓ ପାଣିପାତ୍ର ବ୍ରୁଡରର ଠିକ୍ ବଲ୍ବ ତଳେ ରଖାଯିବା ଉଚିତ୍ ନୁହେଁ। ଏଗୁଡ଼ିକ ଏମିତି ରଖିବା ଉଚିତ୍, ଯେମିତି ଠିକ୍ ଖାଦ୍ୟ, ପାଣି ଓ ଉତ୍ତାପ ଚିଆଁମାନଙ୍କୁ ମିଳିପାରିବ।

କୁକୁଡ଼ାମାନଙ୍କୁ ଖାଇବାକୁ ଦେଲାବେଳେ ଖାଦ୍ୟପାତ୍ର ବ୍ୟବହାର କଲେ ଖାଦ୍ୟ ନଷ୍ଟ ହୁଏନାହିଁ। କୁକୁଡ଼ାମାନଙ୍କୁ ଖାଇବାକୁ ଦେବାକୁ ଖାଦ୍ୟପାତ୍ର ବ୍ୟବହାର କଲେ ଖାଦ୍ୟ ନଷ୍ଟ ହୁଏନାହିଁ। ବିଭିନ୍ନ ପ୍ରକାରର ଖାଦ୍ୟପାତ୍ର ଯଥା: ୧) କାଠ ତିଆରି ଡଙ୍ଗୀ ଖାଦ୍ୟପାତ୍ର, ୨) ଦସ୍ତା ନିର୍ମିତ ଡଙ୍ଗୀ ଖାଦ୍ୟପାତ୍ର, ୩) ଦସ୍ତା ନିର୍ମିତ ସିଲିଣ୍ଡରାକୃତି ଝୁଲା ଖାଦ୍ୟପାତ୍ର। ଏହି ପାତ୍ର ଉନ୍ନତ କୁକୁଡ଼ା ପାଳନ ପ୍ରଣାଳୀରେ ମଧ୍ୟ ବ୍ୟବହୃତ ହୁଏ। ଦୂଷିତ ପାଣି ଯୋଗୁଁ ବିଭିନ୍ନ ରୋଗ ହୋଇଥାଏ। ତେଣୁ କୁକୁଡ଼ାମାନଙ୍କ ପାଇଁ ନିର୍ମଳ ପାଣିର ବ୍ୟବସ୍ଥା କରାଯିବା ଆବଶ୍ୟକ। ପାଣିପାତ୍ର ଏପରି ତିଆରି ହେବା ଦରକାର ଯହିଁରେ ପାଣି ଥଣ୍ଡା ଓ ପରିଷ୍କାର ରହିପାରିବ। ପାଣିକୁ ପରିଷ୍କାର ରଖିବା ନିମନ୍ତେ ପାଣିପାତ୍ର ଗୁଡ଼ିକ ଲିଟର ଠାରୁ ୬-୮ ଇଞ୍ଚ ଉପରେ ରଖିବା ଆବଶ୍ୟକ ଓ କୁକୁଡ଼ା ଯେପରି ଏହା ଉପରେ ବସି ନ ପାରନ୍ତି, ସେଥିପ୍ରତି ଦୃଷ୍ଟି ଦେବା ଦରକାର।

## ଅଣ୍ଡା ସାଇତିବା ପ୍ରଣାଳୀ:

ଅଣ୍ଡାକୁ ଖାଇବା ତଥା ବିକ୍ରି କରିବା ପରେ ବଳକା ଅଣ୍ଡାକୁ ଜଣେ ଚାଷୀ ଚଷୁ ଭର୍ତ୍ତିଥିବା ବାଉଁଶ ଟୋକେଇ ବା ମାଟି ହାଣ୍ଡିରେ ମଧ୍ୟ ରଖି ପାରିବେ। ଅଣ୍ଡାର ଓସାରିଆ ଭାଗକୁ ଉପରକୁ କରି ସରୁ ଅଂଶକୁ ତଳକୁ ରଖାଯିବ। ଏପରି ଅବସ୍ଥାରେ ଅନ୍ତତଃ ୭ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇ ପାରିବ।

# କୁକୁଡ଼ାମାନଙ୍କର ବିଭିନ୍ନ ପ୍ରକାର ରୋଗ

ବିଭିନ୍ନ ପ୍ରକାରର କାରଣରୁ କୁକୁଡ଼ାମାନଙ୍କୁ ରୋଗ ହୋଇଥାଏ। କମ୍ ଜାଗାରେ ଅଧିକ କୁକୁଡ଼ା ରଖିବା, ନିମ୍ନମାନର ଖାଦ୍ୟ, ବିଷାକ୍ତ ଖାଦ୍ୟ, ମୁକ୍ତ ବାୟୁର ଅଭାବ ଏବଂ ଦୂଷିତ ପରିବେଶ ଯୋଗୁଁ କୁକୁଡ଼ାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଥାଏ ଓ କୁକୁଡ଼ାମାନେ ରୋଗାକ୍ରାନ୍ତ ହୋଇଥାନ୍ତି। କୁକୁଡ଼ା ମାନଙ୍କୁ ବିଭିନ୍ନ ପ୍ରକାରର ଭୂତାଣୁଜନିତ, କୃମିଜନିତ ଏବଂ ଜୀବସାର ଅଭାବଜନିତ ରୋଗମାନ ଦେଖାଯାଇଥାଏ।

## ଜୀବାଣୁଜନିତ ରୋଗ

**କୁକୁଡ଼ା ହଇଜା :** ଏହି ରୋଗରେ କୁକୁଡ଼ାମାନଙ୍କ ଶରୀରର ଉତ୍ତାପ ବୃଦ୍ଧି ପାଏ। ପର ଟାଆଁସିଆ ଦେଖାଯାଏ। ମୁହଁରୁ ଓ ନାକରୁ ଲାଳ ବାହାରେ। ଖାଦ୍ୟ ଖାଇବା କମିଯାଏ। ଚୁଳ ନୀଳ ପଡ଼ିଯାଏ। ସବୁଜ କିମ୍ବା ହଳଦିଆ ପାଣି ଝାଡ଼ା ହୁଏ ଓ ମଳଦ୍ୱାରରେ ଲାଗିଯାଏ। ଯାହା ଫଳରେ ହଠାତ୍ ମୃତ୍ୟୁ ହୁଏ।

**ବାସିଲାରି ହ୍ୱାଇଟ୍ ଡାଇରିଆ / ପୁଲୋରମ:**ଏହା ମୁଖ୍ୟତଃ କୁକୁଡ଼ା ଛୁଆମାନଙ୍କୁ ହୁଏ। ବଡ଼ କୁକୁଡ଼ାମାନେ ଏହି ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି। ଆକ୍ରାନ୍ତ ଛୁଆମାନେ ଏକାଠି ହୋଇ ଘୁମାନ୍ତି। ଧଳା ଚୂନ ଭଳି ଝାଡ଼ା ହୁଏ। ସାଧାରଣତଃ ଚିଆଁ ଫୁଟିବାର ୫-୧୦ ଦିନ ମଧ୍ୟରେ ମୃତ୍ୟୁହାର ଅଧିକ ହୋଇଥାଏ।

**କୁକୁଡ଼ା ଟାଇଫଏଡ :**ସବୁଜ ରଙ୍ଗର ପାଣିଆ ଝାଡ଼ା ହୁଏ। ଚୁଳ ଶୁଖିଯାଏ। ଡେଣା ତଳକୁ ଝୁଲିପଡ଼େ। କୁକୁଡ଼ା ନିସ୍ତେଜ ହୋଇ ବେକକୁ ଦୁଇ ଗୋଡ ମଝିରେ ରଖେ। ୨-୩ ଦିନ ମଧ୍ୟରେ ମରିଯାଏ।

## ଭୂତାଣୁଜନିତ ରୋଗ

**କୁକୁଡ଼ା ବସନ୍ତ:** ଏହି ରୋଗରେ କୁକୁଡ଼ାର ଚୂଳରେ ଛୋଟ ଛୋଟ କାଛୁଭଳି ଫୁଲା ଦେଖାଯାଏ ଏବଂ କିଛିଦିନ ପରେ ଏହା ଶୁଖିଯାଇ ଚୋପା ଛାଡେ ଓ ଘାଆ ଶୁଖିଯାଏ। ଏହି ରୋଗରେ କୁକୁଡ଼ା ନିସ୍ତେଜ ରହେ। ଦାନା ଖାଏ ନାହିଁ। ଓଜନ କମିଯାଏ। ଅଣ୍ଡା ଦେବା ଶକ୍ତି କମିଯାଏ। ଅନେକ କ୍ଷେତ୍ରରେ କୁକୁଡ଼ାମାନଙ୍କର ଆଖି ନଷ୍ଟ ହୋଇଯାଏ।

**ରାଣୀକ୍ଷେତ ରୋଗ / ଘୁମାରୋଗ :** ଏହି ରୋଗର ଭୁତାଣୁ କୁକୁଡ଼ାର ସ୍ନାୟୁ, ଅନ୍ତଃନଳୀ କିମ୍ବା ଆଖିକୁ ଆକ୍ରମଣ କରିଥାଏ। କୁକୁଡ଼ାର ସ୍ନାୟୁକୁ ଆକ୍ରମଣ କଲେ କୁକୁଡ଼ା ପକ୍ଷାଘାତ ରୋଗରେ ପୀଡିତ ହୁଏ। କୁକୁଡ଼ାର ଗୋଡ ଓ ଡେଣାରେ ପକ୍ଷାଘାତ ହୁଏ। କୁକୁଡ଼ା ଛୋଟା ହୋଇପଡେ ଓ ଡେଣା ଝୁଲିପଡ଼େ। ଅନ୍ତଃନଳୀକୁ ଆକ୍ରମଣ କଲେ କୁକୁଡ଼ାର ଅନ୍ତଃନଳୀ ଫୁଲିଯାଏ। ଆଖିକୁ ଆକ୍ରମଣ କଲେ ଆଖି ନଷ୍ଟ ହୋଇଯାଏ।

**ଗୁମ୍ବୋରୋ ରୋଗ / ଇନଫେକସିଅସ୍ ବର୍ସାଲ ରୋଗ :** ଏହି ରୋଗ ହେଲେ ଧଳା ରଙ୍ଗର ଝାଡ଼ା ହୁଏ। ପର ଟାଆଁସିଆ ଦେଖାଯାଏ ଓ କୁକୁଡ଼ାମାନେ ଥରିଥାନ୍ତି। କୁକୁଡ଼ାମାନଙ୍କର ମଳଦ୍ୱାର ଫୁଲି ଲାଲ୍ ଦେଖାଯାଏ। ଏହି ରୋଗ ସାଧାରଣତଃ ଛୋଟ କୁକୁଡ଼ାଙ୍କୁ ଆକ୍ରମଣ କରିଥାଏ।


କୁକୁଡ଼ା ହଇଜା ରୋଗ


କୁକୁଡ଼ା ପୁଲୋରମ ରୋଗ


କୁକୁଡ଼ା ଟାଇଫଏଡ଼ ରୋଗ


କୁକୁଡ଼ା ରାଣୀକ୍ଷେତ ରୋଗ


କୁକୁଡ଼ା ମାରେକ୍ସ ରୋଗ


କୁକୁଡ଼ା ଗୁମ୍ବୋରୋ ରୋଗ

**ବାର୍ଡ଼ ଫ୍ଲୁ:** ଏହି ରୋଗରେ କୁକୁଡ଼ାଗୁଡ଼ିକ ଅତ୍ୟଧିକ ଦୁର୍ବଳ, ଟାଆଁସିଆ ପରଯୁକ୍ତ ଦେଖାଯାନ୍ତି। ପତଳା ଝାଡ଼ା ହେବା ସହିତ ହଠାତ୍ ଅଣ୍ଡା ଦେବା ବନ୍ଦ କରିଥାନ୍ତି। ବୟସ୍କ କୁକୁଡ଼ାଙ୍କ ଚୂଳ, ମୁକୁଟ, ଆଖି ଚାରିପାଖ ଫୁଲିଯାଏ ଓ ଚୂଳ ନୀଳ ପଡ଼ିବା ସହିତ ରକ୍ତଛିଟିକା ପରି ଜଣାପଡ଼େ। ନାକରୁ ପାଣି ଓ ପାଟିରୁ ଲାଳ ବାହାରେ। କୁକୁଡ଼ା ହଠାତ୍ ମରିଯାନ୍ତି।

## ପରଜୀବିଜନିତ ରୋଗ

**ନାଳ ରକ୍ତ ଝାଡ଼ା / କକ୍ସିଡିଓସିସ୍:** ଏହା ଏକ ମାରାତ୍ମକ ରୋଗ। ଏହା ସାଧାରଣତଃ ଦୁଇରୁ ଅଢେଇ ମାସ ଛୁଆଙ୍କୁ ଅଧିକ ହୋଇଥାଏ। କୁକୁଡ଼ା ଛୁଆମାନେ ନିସ୍ତେଜ ଜଣାପଡନ୍ତି। ଝାଡ଼ା ହୁଏ ଏବଂ ଝାଡ଼ାରେ ନାଳରକ୍ତ ପଡ଼େ।

## କବକଜନିତ ରୋଗ

**ବ୍ରୁଡର ନିମୋନିଆ / ଆସ୍‌ପରଜିଲୋସିସ୍:** ଛୁଆପାଳନରେ ଅବହେଳା, କମ୍ ଜାଗାରେ ଅଧିକ ଛୁଆ ରଖିବା, ଫିମ୍ପି ମାରିଯାଇଥିବା ଲିଟର କିମ୍ବା ଖାଦ୍ୟ ବ୍ୟବହାର କଲେ ଏହି ରୋଗ ହୋଇଥାଏ। ଏହି କୁକୁଡ଼ାମାନଙ୍କର ଶ୍ୱାସନଳୀକୁ ଆକ୍ରମଣ କରେ। ଛୁଆମାନେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି। ମୁଣ୍ଡ ଉପରକୁ ପାଟିବାଟେ ନିଃଶ୍ୱାସ ନିଅନ୍ତି।

## ରୋଗ ପ୍ରତିକାର ବ୍ୟବସ୍ଥା

- ସର୍ବଦା ଉତ୍ତମମାନର ଖାଦ୍ୟ ଆବଶ୍ୟକତା ଅନୁସାରେ ଦିଅନ୍ତୁ।
- ସ୍ୱଚ୍ଛ ପିଇବା ପାଣି ପିଇବାକୁ ଦିଅନ୍ତୁ।
- ରୋଗାକ୍ରାନ୍ତ କୁକୁଡ଼ାମାନଙ୍କୁ ଅଲଗା ରଖନ୍ତୁ। ସୁସ୍ଥ କୁକୁଡ଼ାମାନଙ୍କର କାମ ସାରିବା ପରେ ରୋଗାକ୍ରାନ୍ତଙ୍କ କାମକରନ୍ତୁ। ନଚେତ୍ ରୋଗ ସଂକ୍ରମଣ ହେବାର ଆଶଙ୍କାଥାଏ।
- କୁକୁଡ଼ା ଘରର ଜାଲି ସଫା କରନ୍ତୁ।
- କୁକୁଡ଼ା ଘର ଚାରିପାଖରେ ଥିବା ଲମ୍ବା ଲମ୍ବା ଗଛ କାଟିଦେବେ, ନଚେତ୍ ଆଲୋକ ଓ ବାୟୁ ଚଳାଚଳରେ ଅସୁବିଧା ହେବ।
- ବାହାର ଲୋକଙ୍କୁ କୁକୁଡ଼ା ଘର ଭିତରକୁ ଛାଡ଼ନ୍ତୁ ନାହିଁ।
- କୁକୁଡ଼ାମାନଙ୍କର ପାଣିପାତ୍ର, ଦାନାପାତ୍ର ଓ ଅନ୍ୟାନ୍ୟ ଉପକରଣକୁ ପରିଷ୍କାର ରଖନ୍ତୁ।
- କୁକୁଡ଼ାମାନଙ୍କୁ ପୁରୁଣା ଦାନା ବା ଫିମ୍ପିମରା ଦାନା ଦେବେ ନାହିଁ।
- ମଲା କୁକୁଡ଼ାଙ୍କୁ ଅଲଗା କରିଦେବା ଉଚିତ୍। ମଲା କୁକୁଡ଼ାଙ୍କୁ ପୋଡିଦେବେ, ନହେଲେ ଗଭୀର ଗାତ ଖୋଳି ଚୂନ ମିଶାଇ ପୋତି ଦେବେ।

ଏହି ସବୁ ସାବଧାନତା ଅବଲମ୍ବନ କଲେ ରୋଗ କମ୍ ହୋଇଥାଏ। ଏହା ବ୍ୟତୀତ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ ଠିକ୍ ସମୟରେ ପ୍ରତିଷେଧକ ଟୀକା ଦେବା ଉଚିତ।

## ଟୀକାକରଣ:

| ବୟସ | ଟୀକାର ନାମ | ମାତ୍ରା | ଟୀକାଦେବା ପଦ୍ଧତି |
|---|---|---|---|
| ୧ ଦିନ | ମାରେକ୍ସ | ୦.୨ ମି.ଲି. | ବେକ ତଳ ଚମଡ଼ାରେ |
| ୧ ସପ୍ତାହ | ରାଣୀକ୍ଷେତ (ଲାସୋଟା ବା ଏଫ୍-୧) | ଏକ ବୁନ୍ଦା | ଆଖିରେ/ନାକପୁଡାରେ |
| ୨ ସପ୍ତାହ | ଗୁମ୍ବୋରୋ | ଏକ ବୁନ୍ଦା | ଆଖିରେ/ନାକ ପୁଡାରେ |
| ୪ ସପ୍ତାହ | ରାଣୀକ୍ଷେତ(ଲାସୋଟା ବା ଏଫ୍-୧ ବୁଷ୍ଟର) | ଏକ ବୁନ୍ଦା | ଆଖିରେ/ନାକ ପୁଡାରେ/ ପିଇବା ପାଣିରେ |
| ୬ ସପ୍ତାହ | କୁକୁଡ଼ା ବସନ୍ତ | ୦.୨ ମି.ଲି. | ଡେଣା ତଳେ/ମାଂସପେଶୀରେ |
| ୮ ସପ୍ତାହ | ରାଣୀକ୍ଷେତ (ଆରଟୁବି) | ୦.୫ ମି.ଲି. | ଚମଡ଼ା ତଳେ/ମାଂସପେଶୀରେ |

## ଟୀକାକରଣ ସମୟରେ ସାବଧାନତା:

- ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ଟୀକା ଦିଅନ୍ତୁ।
- ଭଲ କମ୍ପାନୀର ଟୀକା କିଣନ୍ତୁ।
- ଟୀକାଗୁଡ଼ିକ ବ୍ୟହାର ହେବା ପର୍ଯ୍ୟନ୍ତ ଫ୍ରିଜ ଭିତରେ ରଖନ୍ତୁ।
- ଟୀକା ନିର୍ମାତାଙ୍କ ପରାମର୍ଶ ଅନୁଯାୟୀ ଟୀକା ଉଚିତ୍ ମାତ୍ରାରେ ବ୍ୟବହାର କରନ୍ତୁ।
- ବଳକା ଟୀକାଗୁଡ଼ିକୁ ବ୍ୟବହାର କରନ୍ତୁ ନାହିଁ।
- ବ୍ୟବହାର ତାରିଖ ଚାଲିଯାଇଥିବା ଟୀକାଗୁଡ଼ିକୁ ବ୍ୟବହାର କରନ୍ତୁ ନାହିଁ।
- ସକାଳେ କିମ୍ବା ସନ୍ଧ୍ୟା ସମୟରେ ଟୀକା ଦିଅନ୍ତୁ।
- ଦର୍ଶାଯାଇଥିବା ମାତ୍ରା ଅନୁଯାୟୀ କେବଳ ସୁସ୍ଥ କୁକୁଡ଼ାଗୁଡ଼ିକୁ ଟୀକା ଦିଅନ୍ତୁ।

## କଣ୍ଟ୍ରାକ୍ଟ ଫାର୍ମିଂ ବା ଇଣ୍ଟିଗ୍ରେଟେଡ୍ ଫାର୍ମିଂ

ଏହି ପ୍ରଣାଳୀରେ କୁକୁଡ଼ା ପାଳନ ପାଇଁ ଚାଷୀମାନଙ୍କୁ ଚିଆଁ, ଦାନା, ଔଷଧ ଏବଂ ପରିଚାଳନା ସମ୍ବନ୍ଧିତ ସମସ୍ତ ତଥ୍ୟ ଚାଷୀମାନଙ୍କୁ କମ୍ପାନୀ ତରଫରୁ ମାଗଣାରେ ଦିଆଯାଏ। ଚାଷୀମାନେ କୁକୁଡ଼ାମାନଙ୍କୁ ପାଳନ କରି ବଡ଼କରି ସାରିବା ପରେ କମ୍ପାନୀମାନେ କୁକୁଡ଼ାମାନଙ୍କୁ

ଚାଷୀଠାରୁ ନେଇଯାଆନ୍ତି ଏବଂ ପାଳନ ବାବଦରେ ଚାଷୀମାନଙ୍କୁ ନିର୍ଦ୍ଧାରିତ ଦରରେ ପଇସା ଦେଇଥାନ୍ତି। ମାଂସାଳ କୁକୁଡ଼ା ପାଳନ ଦିଗରେ ମୁଖ୍ୟତଃ ଦୁଇଟି କମ୍ପାନୀ ଯଥା ପଶୁପତି ପୋଲ୍ଟ୍ରି ଓ ସୁଗୁଣା ପୋଲଟ୍ରି ସକ୍ରିୟ ଅଛନ୍ତି।

## କୁକୁଡ଼ା ପାଳନ ପାଇଁ ସରକାରୀ ଯୋଜନା

୧. ପ୍ରାଣୀପାଳନ ମାଧ୍ୟମରେ ମହିଳା ସଶକ୍ତିକରଣ: ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ରୟଲର କୁକୁଡ଼ାପାଳନ ପାଇଁ ୨ଲକ୍ଷ ୮୮ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯାଉଛି।

୨. ଗ୍ରାମାଞ୍ଚଳ ଲୋକଙ୍କୁ ଜୀବିକା ପ୍ରଦାନ: ବାଡ଼ି ଅଗଣାରେ କୁକୁଡ଼ା ପାଳନ ପାଇଁ ଶତପ୍ରତିଶତ ସହାୟତା ଯୋଗାଇ ଦିଆଯାଉଛି।

୩. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍.କେ.ୟୁ.ୱାଇ.): ପ୍ରାଣୀପାଳନଭିତ୍ତିକ ଉଦ୍ୟୋଗ ପାଇଁ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯାଉଛି।

୪. ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା: ଚାଷୀମାନଙ୍କ ଘରେ ପ୍ରାଣୀ ଚିକିତ୍ସା ସେବା ପାଇଁ ୩୧୪ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ ଓ ୧୮୧ ସରକାରଙ୍କ ନିଜସ୍ୱ ପ୍ରାଣୀସେବା ଯାନ ନିୟୋଜିତ କରାଯାଇଛି।

୫. ଡିପ୍ ଲିଟର ମାଧ୍ୟମରେ ୫୦୦ କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା।

୬. ଡିପ୍ ଲିଟର / ପିଞ୍ଜରା ମାଧ୍ୟମରେ ୧୦୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା।

୭. ଡିପ୍ ଲିଟର ମାଧ୍ୟମରେ ୨୦୦୦ କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡ଼ା ପାଳନ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସହାୟତା।

୮. କ୍ଷୁଦ୍ର କୁକୁଡ଼ା ଦାନା କଳ ପ୍ରତିଷ୍ଠା ନିମନ୍ତେ ସହାୟତା।

୯. ୧୦୦୦ କ୍ଷମତା ବିଶିଷ୍ଟ କୁକୁଡ଼ା ଚିଆଁ ପାଳନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ସହାୟତା।

୧୦. ବିଶେଷତଃ ଦୁର୍ବଳ ଆଦିବାସୀ ଗୋଷ୍ଠୀଥିବା ଜିଲ୍ଲାଗୁଡ଼ିକରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ବାଡ଼ି ଅଗଣାରେ କୁକୁଡ଼ା ପାଳନ ପାଇଁ ସହାୟତା।

୧୧. ରାଜ୍ୟରେ ରକ୍ତ ହୀନତା ଓ କୁପୋଷଣ ଥିବା ପରିବାରକୁ ପ୍ରାଣୀ ପ୍ରୋଟିନ୍ ଯୋଗାଣ।

ଏହିସବୁ ସରକାରୀ ଯୋଜନାରୁ ଲାଭ ଉଠାଇବା ପାଇଁ ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।